
# ସତ୍ୟବାକ୍ୟ

# THE WORD OF TRUTH



An Oriya Bimonthly Bulletin published by the

**CHURCH OF CHRIST**

**JULY & AUGUST 2019**

# THE VOICE OF TRUTH

Edited and Published By

***Joshua & Kabita Gootam***

**CHURCH OF CHRIST**

P.O. Box - 80, Kakinada, A.P. 533 001.

Ph : 0884-2363722

**Vol-25. July & Aug. 2019. No-4**

*Published every two months in **Oriya** language for the Restoration of the pure New Testament Christianity*

*Write for free Bible Correspondence course*

*in*

*Telugu & Oriya to :*

**The Director**

Bible Correspondence Course

P.O.Box. 80, KAKINADA - 533 001.

# ସତ୍ୟବାଣୀ
# VOICE OF TRUTH

VOL - XXV KAKINADA JUL-AUG-2019


## ପରିତ୍ୟାଗକାରୀ ଦୀମା
## (Demas, The Forsaker)

ପ୍ରେରିତ ପାଉଲ କାଇସରଙ୍କ ଛାମୁରେ ବିଚାରିତ ହେବା ନିମନ୍ତେ ଅନୁରୋଧ କରିବାରୁ (ପ୍ରେରିତ ୨୫:୧୧-୧୨) । ସେ ରୋମରେ କାଇସରଙ୍କ ନିକଟକୁ ପ୍ରେରିତ ହୋଇଥିଲେ । ତାହାଙ୍କ ସମୁଦ୍ର ଯାତ୍ରା ପ୍ରାଣାନ୍ତକ ଥିଲା । (ପ୍ରେରିତ ୨୭:୧-୨୮-୧୬) । ସେ ସେଠାରେ ଏକ ଭଡା ଘରେ ବନ୍ଦୀରୂପେ ଦୁଇ ବର୍ଷ ପର୍ଯ୍ୟନ୍ତ ରଖାଯାଇଥିଲେ । (ପ୍ରେରିତ ୨୮:୩୦-୩୧) । ତାହାଙ୍କ ପତ୍ରର ବିଶ୍ଳେଷକମାନେ ଖ୍ରୀ.ଜ. ୬୧:୬୨ ମସିହାରେ, ସେ ସେହି ସ୍ଥାନରୁ ଏଫିସୀ, ଫିଲିପ, କଲସୀ ଓ ଫିଲମୋନଙ୍କୁ ପତ୍ର ଲେଖିଥିଲେ ବୋଲି ମନେ କରନ୍ତି ।

ତାହାଙ୍କ ଦୁଇପତ୍ରରେ ସେ ଦୀମା ନାମକ ଏକ ଖ୍ରୀଷ୍ଟିୟାନ ବିଷୟରେ ଲେଖନ୍ତି, "ପ୍ରିୟ ବୈଦ୍ୟ ଲୂକ ଓ ଦୀମା ତୁମ୍ଭମାନଙ୍କୁ ନମସ୍କାର ଜଣାଉ ଅଛନ୍ତି ।" (କଲସୀ ୪:୧୪) ଓ ସେ ଫିଲିମୋନଙ୍କୁ ଲେଖନ୍ତି, "ଖ୍ରୀଷ୍ଟଯୀଶୁଙ୍କ ହେତୁ ମୋହର ସହବନ୍ଦୀ ଏପାଫ୍ରା ଏବଂ ମୋହର ସହକର୍ମୀମାନେ ଯେ ମାର୍କ, ଆରିସ୍ତାର୍ଖ ଓ ଦୀମା ଓ ଲୂକ ତୁମ୍ଭମାନଙ୍କୁ ନମସ୍କାର ଜଣାଉ ଅଛନ୍ତି ।" (ଫିଲିମୋନ ୧:୨୩) । ପାଞ୍ଚ କିମ୍ବା ଛଅବର୍ଷ ପଶ୍ଚାତ୍ (ଖ୍ରୀ.ଜ. ୬୭ ବା ୬୮ରେ) ମୃତ୍ୟୁଦଣ୍ଡର ପାଇଥିବା ପାଉଲଙ୍କୁ ପୁନର୍ବାର ରୋମକୁ ଯିବାକୁ ପଡିଲା । ଏହା ଦୀମାଙ୍କ ନିମନ୍ତେ ଭାରି ପଡିଥିଲା । ଆପଣା ମୃତ୍ୟୁ ଦଣ୍ଡରେ ବିଶ୍ୱାସର ମହା ଯୋଦ୍ଧା ଓ ବିଜାତୀୟମାନଙ୍କ ନିମନ୍ତେ ମନୋନୀତ ପ୍ରେରିତ ପାଉଲ, ତୀମଥିଙ୍କୁ ଲେଖିଥିଲେ, "କାରଣ ଦୀମା ଏହି ବର୍ତ୍ତମାନ

ସଂସାରକୁ ପ୍ରେମ କରି ମୋତେ ପରିତ୍ୟାଗ କରିଅଛି ଓ ଥେସଲନୀକୀକୁ ଯାଇଅଛି ।" (୨ୟ ତୀମଥି ୪:୧୦) ।

ଦୀମା ବିଷୟରେ ପାଉଲ କ'ଣ କହନ୍ତି ? ଯୋହନ ୨:୧୫-୧୭ ଓ ଗାଲାତୀ ୫:୧୯-୨୧ ପଦରେ ଲିଖିତ ପାପରେ ସେ ପତିତ ହୋଇ ନଥିଲେ । କିନ୍ତୁ ସେ ପାଉଲଙ୍କ ସହଭାଗିତାରେ ନ ରହି ଜାଗତିକଜୀବନକୁ ଫେରି ଯାଉଥିଲେ । ପାଉଲଙ୍କ ସହ ତାହାଙ୍କୁ ମଧ୍ୟ ମୃତ୍ୟୁଦଣ୍ଡ ଭୋଗିବାକୁ ହେବ ବୋଲି ବ୍ୟଭୀତ ହୋଇ, ତାହାଙ୍କୁ ପରିତ୍ୟାଗ କରି ଥେସଲନୀକୀକୁ ଫେରି ଯାଇଥିଲେ । ପାଉଲ ସଦୃଶ୍ୟ ସେ ଦୁଃଖ କିଅବା ମୃତ୍ୟୁଦଣ୍ଡ ଭୋଗିବା ସେ ପ୍ରସ୍ତୁତ ନଥିଲେ । ପାଉଲ କହିଥିଲେ, "... ମୁଁ ପ୍ରଭୁଯୀଶୁଙ୍କ ନାମ ନିମନ୍ତେ ଯିରୁଶାଲମରେ କେବଳ ବନ୍ଧା ହେବାକୁ ପ୍ରସ୍ତୁତ, ତାହା ନୁହେଁ, ମାତ୍ର ମରିବାକୁ ସୁଦ୍ଧା ପ୍ରସ୍ତୁତ ଅଛି ।" (ପ୍ରେରିତ ୨୧:୧୩) । କିଛି ବର୍ଷପରେ ସ୍ମୂର୍ଣ୍ଣା ମଣ୍ଡଳୀକୁ ଯୀଶୁଖ୍ରୀଷ୍ଟ କହିଥିଲେ । "ତୁମ୍ଭେ ମରଣ ପର୍ଯ୍ୟନ୍ତ ବିଶ୍ୱସ୍ତ ଥାଅ, ସେଥିରେ ଆମ୍ଭେ ତୁମ୍ଭକୁ ଜୀବନରୂପ ମୁକୁଟ ଦେବୁ ।" (ପ୍ର.କା. ୨:୧୦) । ଜଣେ ଖ୍ରୀଷ୍ଟିୟାନ ମରଣ ସମ୍ମୁଖୀନ ହେଲେ ହେଁ, ଖ୍ରୀଷ୍ଟଙ୍କୁ ପରିତ୍ୟାଗ ନକଲେ ଜୀବନରୂପ ମୁକୁଟ ପ୍ରାପ୍ତ ହେବ । ଦୀମା ଏପରି ସମର୍ପିତ ଖ୍ରୀଷ୍ଟିୟାନ ନ ଥିଲେ ।

ଦୀମା, ଜୀବନର ଶେଷ ପର୍ଯ୍ୟନ୍ତ ବିଶ୍ୱସ୍ତ ଜୀବନ ଯାପନ କରି ନଥିଲେ, "... ଯେ ଶେଷ ପର୍ଯ୍ୟନ୍ତ ଧରି ରହିବ, ସେ ପରିତ୍ରାଣ ପାଇବ ।" (ମାଥିଉ ୨୪:୧୩) । ସେ ସ୍ୱର୍ଗୀୟ ଅନନ୍ତ ଜୀବନଠାରୁ ଅଧିକଭାବେ ଇହଲୋକ ଜୀବନ ଆସକ୍ତ ଥିଲେ । ଯେଉଁମାନେ ଜୟ କରନ୍ତି, ସେମାନଙ୍କ ନିମନ୍ତେ ଅନନ୍ତ ଜୀବନ ସଞ୍ଚିତ ହୋଇଅଛି । (ପ୍ରେରିତ ୨:୭,୧.୨୬, ୩:୫, ୧୨:୨୧) । ହେ ବନ୍ଧୁ, କୌଣସି କାରଣବଶତଃ ଖ୍ରୀଷ୍ଟଙ୍କ ଅନୁସରଣରୁ ବିମୁଖ ନ ହେଉଁ, କିଅବା ତାହାଙ୍କୁ ପରିତ୍ୟାଗ ନ କରୁ ।

**- Maxie B. Boren**

❋❋❋

# ସ୍ୱର୍ଗୀୟ ମହି ମହିମାର ଏକ ଆଭାସ
## (Heaven, Glimpses of Glory)

ଦିନାବସାନର ଶୀତଳ ସମୟରେ ଆମ୍ଭମାନଙ୍କ ପିତା ପରମେଶ୍ୱର, ଆମ୍ଭମାନଙ୍କ ଆଦି ପିତା ଓ ମାତା ସହ, ସୁନ୍ଦର ଏଦନ ଉଦ୍ୟାନରେ କଥୋପକଥନ କରୁଥିଲେ । (ଆଦି ୧ , ୨ ,୩) । ସୀନୟ ପର୍ବତର ଶୈଳର ଛିଦ୍ରରୁ, ମୋଶା ସଦାପ୍ରଭୁଙ୍କ ଗୌରବମୟ ମହିମାର ପୃଷ୍ଠର ଆଭାସ ପାଇଥିଲେ । ଯୀଶୁଖ୍ରୀଷ୍ଟଙ୍କ ସନ୍ନିହିତ ଶିଷ୍ୟଗଣ ପିତର, ଯୋହନ ଓ ଯାକୁବ ସେ ରୂପାନ୍ତରିତ ହେବା ସମୟରେ ପର୍ବତ ଉପରେ ତାହାଙ୍କ ମହିମା ଦେଖିଥିଲେ । (ମାଥିଉ ୧୭ : ୧ ) । ପ୍ରସ୍ତରାଘାତରେ ମୃତ୍ୟୁ ଭୋଗିବା ପୂର୍ବେ ସ୍ତିଫାନ୍, "... ପବିତ୍ର ଆତ୍ମାରେ ପୂର୍ଣ୍ଣ ହୋଇ ସ୍ୱର୍ଗ ପ୍ରତି ସ୍ଥିର ଦୃଷ୍ଟିରେ ରହିଁଲେ, ଆଉ ଈଶ୍ୱରଙ୍କ ମହିମା ଓ ଯୀଶୁଙ୍କୁ ଈଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ଠିଆ ହୋଇଥିବା ଦେଖିଲେ... ।" (ପ୍ରେ.କା. ୭:୫୫) । ମହାମହିମାଙ୍କ ଗୌରବ ଦେଖି ସ୍ତିଫାନ ଆପଣା ପ୍ରଭୁ ନିମନ୍ତେ ହତସାକ୍ଷୀ ହେଲେ । ସେ ଯୀଶୁଖ୍ରୀଷ୍ଟଙ୍କ ଈଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ଠିଆ ହୋଇଥିବା ଦେଖିଲେ । (୫୬ମ) । ପ୍ରେରିତ ପାଉଲ ଦମ୍ମେସକର ରାସ୍ତାରେ ପୁନଃରୁତ୍ଥିତ ତ୍ରାଣକର୍ତ୍ତାଙ୍କ ମହିମା ଦେଖିଥିଲେ । କେତେ ବର୍ଷପରେ ସେ ତୃତୀୟ ସ୍ୱର୍ଗରେ ଆରୋହଣ ହୋଇ ଈଶ୍ୱରଙ୍କ ମହିମାର ଆଭାସ ପାଇଥିଲେ । ଉପରୋକ୍ତ ଘଟଣାରେ ସେମାନେ କେବଳ ଅଳ୍ପକ୍ଷଣ ନିମନ୍ତେ ଆଭାସ ପାଇଥିଲେ । କିନ୍ତୁ ଆମ୍ଭେମାନେ ବିଶ୍ୱସ୍ତ ଜୀବନଯାପନ କଲେ, ସେହି ମହିମାମୟ ସ୍ଥାନରେ ଅନନ୍ତଜୀବନ ବିତାଇ ପାରିବା ।

**ବିଶ୍ରାମର ଏକ ଆଭାସ :-** ଯୀଶୁ କହିଲେ, "ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକ ସମସ୍ତେ, ମୋ ନିକଟକୁ ଆସ, ମୁଁ ତୁମ୍ଭମାନଙ୍କୁ ବିଶ୍ରାମ ଦେବି । ମୋହର ଜୁଆଳି ଆପଣା ଉପରେ ଘେନ ପୁଣି, ମୋ ନିକଟରୁ ଶିଖ, କାରଣ ମୁଁ ମୃଦୁଶୀଳ ଓ ନମ୍ରଚିତ୍ତ ଆଉ ତୁମ୍ଭେମାନେ ଆପଣା ଆପଣା ଆତ୍ମାରେ ବିଶ୍ରାମ ପାଇବ । ଯେଣୁ ମୋହର ଜୁଆଳି ସହଜ ଓ ଭାର ଉଶ୍ୱାସ ।" (ମାଥିଉ ୧୧:୨୮-୩୦) । ଏହି ବାକ୍ୟରେ 'ବିଶ୍ୱାସ' ପଦ ଦୁଇଥର ବ୍ୟବହାର କରନ୍ତି । (୧) ପାପଭାରରୁ ମୁକ୍ତି ପାଇ ବିଶ୍ରାମ ପାଇବ । (୨) ସ୍ୱର୍ଗୀୟ ବିଶ୍ରାମ । ଏହି ଜାଗତିକ ଓ ସ୍ୱର୍ଗୀୟ ବିଶ୍ରାମ ବିଶ୍ୱସ୍ତ

ଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ ପ୍ରତିଜ୍ଞାତ ହୋଇଅଛି । ଥେସଲନୀକୀରେ ଥିବା ତାଡିତ ଖ୍ରୀଷ୍ଟିୟାନମାନଙ୍କୁ ପ୍ରେରିତ ପାଉଲ ଲେଖନ୍ତି, "କାରଣ ପ୍ରଭୁ ଯୀଶୁ ଯେତେବେଳେ ଆପଣା ଶକ୍ତିମାନ୍ ଦୂତମାନଙ୍କ ସହିତ ପ୍ରଜ୍ଜଳିତ ଅଗ୍ନି ସହ ସ୍ୱର୍ଗରୁ ପ୍ରକାଶିତ ହେବେ ଓ ସେତେବେଳେ ତୁମ୍ଭମାନଙ୍କ କ୍ଲେଶ ଦେଉଥିବା ଲୋକମାନଙ୍କ ପ୍ରତିଫଳ ସ୍ୱରୂପ କ୍ଲେଶ ଦେବା କ୍ଲେଶ ଭୋଗ କରୁଅଛ ଯେ ତୁମ୍ଭେମାନେ, ତୁମ୍ଭମାନଙ୍କୁ ଆମ୍ଭମାନଙ୍କ ସହିତ ବିଶ୍ରାମ ଦେବା, ଏହା ତ ଈଶ୍ୱରଙ୍କ ପକ୍ଷରେ ନ୍ୟାୟର ବିଷୟ... ।" (୨ ତୀମଥି ୧:୬-୯) । ଦ୍ୱୟପକ୍ଷରେ ଲୋକଙ୍କୁ ସଦାପ୍ରଭୁ ନ୍ୟାୟ କରିବେ । ଏବ୍ରୀ ପୁସ୍ତକ କର୍ତ୍ତା ଲେଖନ୍ତି, "ଅତଏବ ଈଶ୍ୱରଙ୍କ ଲୋକମାନଙ୍କ ପ୍ରତି ବିଶ୍ରାମର ଭୋଗ କରିବାର ବାକି ଅଛି ।" (ଏବ୍ରୀ ୪:୯) । ପାନଦ୍ୱୀପରେ ବହିଷ୍କୃତ ପ୍ରେରିତ ଯୋହନ ଲେଖନ୍ତି, "ପୁଣି ମୁଁ ସ୍ୱର୍ଗରୁ ଏହି ବାଣୀ ଶୁଣିଲେ, ଲେଖ, ଯେଉଁମାନେ ଏଣିକି ପ୍ରଭୁଙ୍କଠାରେ ଥାଇ ମରନ୍ତି, ସେମାନେ ଧନ୍ୟ, ହଁ ଆତ୍ମା କହୁ ଅଛନ୍ତି, ସେମାନେ ଆପଣା ଆପଣା ପରିଶ୍ରମରୁ ବିଶ୍ରାମ ପ୍ରାପ୍ତ ହେବେ, କାରଣ ସେମାନଙ୍କ କର୍ମ ସେମାନଙ୍କର ଅନୁବର୍ତ୍ତୀ ହେବ ।" (ପ୍ର.ବା. ୧୪:୧୩) । ପାତାଳ କିଅବା ଅନନ୍ତ ଯନ୍ତ୍ରଣାର ସ୍ଥାନରେ ଅଧାର୍ମିକ ଆତ୍ମାମାନଙ୍କ ବିଶ୍ରାମ ନାହିଁ । "ଏପରି ଲୋକମାନଙ୍କ ଯନ୍ତ୍ରଣାର ଧୂମ ଯୁଗେ ଯୁଗେ ଉଠୁଥିବ, ଯେଉଁମାନେ ପଶୁ ଓ ତାହାର ପ୍ରତିମାକୁ ପ୍ରଣାମ କରନ୍ତି ପୁଣି ତାହା ନାମର ଚିହ୍ନ ଗ୍ରହଣ କରନ୍ତି, ସେମାନଙ୍କର ଦିବାରାତ୍ର ବିଶ୍ରାମ ନାହିଁ ।" (ପ୍ର.ବା. ୧୪:୧୧)। ବିଶ୍ୱସ୍ତ ଖ୍ରୀଷ୍ଟିୟାନ ମାନଙ୍କ ଅନନ୍ତ ବିଶ୍ରାମ ସ୍ଥାନ ।

**ମହିମାମୟ ଶ୍ରେଷ୍ଠତର ଦେଶର ଏକ ଆଭାସ :-** ଏବ୍ରୀ ପୁସ୍ତକରେ 'ଶ୍ରେଷ୍ଠତର' ବିଷୟ ଗୁଡିକର ଉପସ୍ଥାପନ କରାଯାଇଛି । ତ୍ରୟୋଦଶ ଅଧ୍ୟାୟରେ ଦ୍ୱାଦଶ ଥର । "ଶ୍ରେଷ୍ଠତର" ପଦ ବ୍ୟବହୃତ ହୋଇଅଛି । ତାହାଙ୍କ ଆଜ୍ଞାସକଳ କିପରି ଶ୍ରେଷ୍ଠତର, ତାହାଙ୍କ ପ୍ରତିଜ୍ଞା ସକଳ କରାଯାଇଅଛି । ପରିତ୍ରାଣ ପ୍ରାପ୍ତ ଖ୍ରୀଷ୍ଟିୟାନ କିପରି ଅନନ୍ତକାଳ ଯୀଶୁଖ୍ରୀଷ୍ଟଙ୍କ ସହବାସ କରିବେ ଏହି ପୁସ୍ତକରେ ପଢ଼ିପାରୁ । "କିନ୍ତୁ ସେମାନେ ଗୋଟିଏ ଉତ୍କୃଷ୍ଟତର, ଅର୍ଥାତ୍ ସ୍ୱର୍ଗୀୟ ଦେଶର ଆକାଂକ୍ଷା କରୁଥିଲେ, ଏହେତୁ ଈଶ୍ୱର ସେମାନଙ୍କର ଈଶ୍ୱର ବୋଲି ଖ୍ୟାତ ହେବାକୁ ସେମାନଙ୍କ ସମ୍ବନ୍ଧରେ ଲଜ୍ଜିତ ନୁହନ୍ତି ।" (ଏବ୍ରୀ ୧୧:୧୬) । ଏହି ଜଗତର ଉତ୍କୃଷ୍ଟତମ ସ୍ଥାନରୁ ସ୍ୱର୍ଗ ଶ୍ରେଷ୍ଠତର ସ୍ଥାନ

ସେଠାରେ କ୍ଳେଶ, ରୋଗ କିଅବା ଅଶ୍ରୁ ରହିବ ନାହିଁ । ଏପରି ସ୍ଥାନକୁ ଯିବା ନିମନ୍ତେ ଆପଣାଙ୍କ ପ୍ରାଣ କି ଆକାଂକ୍ଷିତ ? ମୋହର ପ୍ରାଣ ଏପରି ସ୍ଥାନ ନିମନ୍ତେ ଆକାଂକ୍ଷିତ ।

**ପ୍ର.ବା. ୨୧-୨୨ ଅଧ୍ୟାୟ ସୁନ୍ଦର ସ୍ୱର୍ଗର ଆଭାସ ପ୍ରକଟ କରେ :-**

ପବିତ୍ର ବାଇବଲର ଶେଷ ପୁସ୍ତକ ଶେଷ ଦୁଇ ଅଧ୍ୟାୟରେ ସ୍ୱର୍ଗର ସୁନ୍ଦର ବର୍ଣ୍ଣନା କରାଯାଇଅଛି । ଏହି ଦୁଇ ଅଧ୍ୟାୟରେ "ନୂତନ" ପଦ ଅଧିକଭାବେ ବ୍ୟବହୃତ ହୋଇଅଛି । ସେ ଏକ ନୂତନ ପୃଥିବୀ, ନୂତନ ସ୍ୱର୍ଗ ଓ ନୂତନ ଯିରୁଶାଲମ ବିଷୟରେ ଏହି ଅଧ୍ୟାୟ ଗୁଡିକରେ ଲେଖି ଅଛନ୍ତି । ସିଂହାସନୋବିଷ୍ଟ ମହାମହିମା କହନ୍ତି । "... ଦେଖ, ଆମ୍ଭେ ସମସ୍ତ ବିଷୟ ନୂତନ କରୁଅଛୁ । ଆଉ ସେ କହିଲେ, ଲେଖ, କାରଣ ଏହି ସମସ୍ତ ବିଷୟ ବାକ୍ୟ ବିଶ୍ୱାସନୀୟ ଓ ସତ୍ୟ ।" (ପ୍ର.ବା. ୨୧:୫) ।

ପ୍ରେରିତ ପାଉଲ ପବିତ୍ର ନଗରୀ ଅର୍ଥାତ୍ ନୂତନ ଯିରୁଶାଲମ ଦର୍ଶନରେ ଦେଖିଥିଲେ । ଆକାଶ ମଣ୍ଡଳ ଓ ପୃଥିବୀ ଲୋପ ପାଇଥିଲା, ପୁଣି ସମୁଦ୍ର ନଥିଲା । ଅଶ୍ରୁ କିଅବା ମୃତ୍ୟୁ ଶୋକ କି କ୍ରନ୍ଦନ ବ୍ୟଥା ଆଉ ସେଠାରେ ନଥିବ । (ପ୍ର.ବା. ୨୧:୧-୪) । ଯଦି ପୃଥିବୀରେ ଏପରି ସ୍ଥାନ ଥା'ନ୍ତା, କେତେକ ମନୁଷ୍ୟମାନଙ୍କ ଦ୍ୱାରା ଭର୍ତ୍ତି ହୋଇ ସାରିସା'ନ୍ତା । ଅସଂଖ୍ୟ ଲୋକ ମାନଙ୍କ ନିମନ୍ତେ ଛିଡା ହେବାକୁ ମଧ୍ୟ ସ୍ଥାନ ନଥା'ନ୍ତା । "ଯେଉଁମାନେ ଭୀରୁ, ଅବିଶ୍ୱାସୀ, ଘୃଣ୍ୟ କଳଙ୍କିତ ନରଘାତକ, ବ୍ୟଭିଚାରୀ, ମାୟାବୀ, ଓ ପ୍ରତିମା ପୂଜକ, ସେମାନେ ଓ ସମସ୍ତ ମିଥ୍ୟାବାଦୀ ଅଗ୍ନି ଓ ଗନ୍ଧକ ପ୍ରଜ୍ୱଳିତ ହ୍ରଦରେ ଅଂଶ ପାଇବେ, ଏହାହିଁ ଦ୍ୱିତୀୟ ମୃତ୍ୟୁ ।" (ପ୍ର.ବା. ୮:୨୭) । ସେଠାରେ କୌଣସି ମନ୍ଦିର ରହିବ ନାହିଁ, ପ୍ରଭୁ, ସର୍ବଶକ୍ତିମାନ ଈଶ୍ୱର ଓ ମେଷଶାବକ ସେଥିର ମନ୍ଦିର ସ୍ୱରୂପ ଅଟନ୍ତି । (୨୨ମ ପଦ) । ସେଠାରେ ଅନ୍ଧକାର ରହିବ ନାହିଁ, "ଆଲୋକ ନିମନ୍ତେ ସେହି ନଗରୀର ସୂର୍ଯ୍ୟ କି ଚନ୍ଦ୍ରର ପ୍ରୟୋଜନ ନାହିଁ, କାରଣ ଈଶ୍ୱରଙ୍କ ଗୌରବ ତାହାକୁ ଆଲୋକିତ କରେ ଓ ମେଷଶାବକ ସେଥିର ପ୍ରଦୀପ ସ୍ୱରୂପ ।" (୨୩ମ) । କିନ୍ତୁ ଅପରପକ୍ଷରେ ନରକର ଘୋର ଅନ୍ଧକାରର ସ୍ଥାନ । (ମାଥିଉ ୨୫:୩୦) । କିନ୍ତୁ ପବିତ୍ର ନଗରୀରେ ଅଭିଷକ୍ତ ବିଷୟ ରହିବ ନାହିଁ । (ପ୍ର.କା. ୨୩:୩) । ସେଠାରେ ଶୟତାନ କିଅବା ତାହାର ପ୍ରଲୋଭନ କିଅବା ଭଣ୍ଡ ଭାବବାଦୀ ଆଉ ରହିବେ ନାହିଁ । ସେମାନେ ସମସ୍ତେ ଅନନ୍ତ ଅଗ୍ନିରେ ନିକ୍ଷିପ୍ତ ହେବେ । (ପ୍ର. ବା. ୧୯ ଓ ୨୦ ପର୍ବ) ।

ପ୍ରେରିତ ଯୋହନ ଦର୍ଶନରେ ପବିତ୍ର ନଗରୀ ଦେଖିଥିଲେ । ସେହି ପବିତ୍ର ନଗରୀ ଧାର୍ମିକମାନଙ୍କ ନିବାସ ସ୍ଥାନ (୨ ପିତର ୩:୧୩) । ଆଧୁନିକ ଯୁଗରେ ଆମ୍ଭମାନଙ୍କ ନଗରୀମାନଙ୍କରେ ପବିତ୍ରତା ଓ ଧାର୍ମିକତାର ଅଭାବରୁ ବିନଷ୍ଟ ହେଉଅଛି । କିନ୍ତୁ ଚତୁଷ୍କୋଣ ସ୍ୱର୍ଗୀୟ ଯିରୁଶାଲମ, ଯାହାର ନିର୍ମାଣକରତ୍ତା ସ୍ୱୟଂ ପରମେଶ୍ୱର ଅଟନ୍ତି, ସେଠାରେ ପବିତ୍ରତା ଓ ଧାର୍ମିକତା ବାସ କରେ । (ଏବ୍ରୀ ୨୧:୧୬), ଏବ୍ରୀ ୧୧:୧୦ ।

ପ୍ରେରିତ ଯୋହନ ନୂତନ ଯିରୁଶାଲମକୁ, ଆପଣା "ବର ନିମନ୍ତେ ସଜ୍ଜିତା କନ୍ୟାର ସଦୃଶ୍ୟ ପ୍ରସ୍ତୁତା" ହୋଇ ସ୍ୱର୍ଗକୁ ଅବତରଣ କରିବା ଦେଖିଲେ । (ପ୍ର.ବା. ୨୧:୨) । ବିବାହ ଦିନରେ କନ୍ୟା କେତେ ସୁନ୍ଦରଭାବେ ସୁସଜ୍ଜିତା ହୋଇଥାଏ । ସେହି ରୂପେ ମଣ୍ଡଳୀ ଆପଣା ସ୍ୱାମୀରୂପ ଖ୍ରୀଷ୍ଟଙ୍କ ନିମନ୍ତେ ସୁସଜ୍ଜିତା ରହିବେ । ଭରସାର କେତେ ସୁନ୍ଦର ଦୃଶ୍ୟ ।

**ମହିମାମୟ ସହଭାଗୀତାର ଆଭାସ :-** ମୋ ମତରେ ଏହା ଏକ ସୁବର୍ଣ୍ଣ ସୁଯୋଗ । ପିତା ପରମେଶ୍ୱର ଓ ପୁତ୍ର ଯୀଶୁଖ୍ରୀଷ୍ଟଙ୍କ ସହ ସହଭାଗିତା । "...ଦେଖ, ମନୁଷ୍ୟମାନଙ୍କ ମଧ୍ୟରେ ଈଶ୍ୱରଙ୍କ ବାସସ୍ଥାନ ଅଛି, ସେ ସେମାନଙ୍କ ସହିତ ବାସ କରିବେ, ଆଉ ସେମାନେ ତାହାଙ୍କ ଲୋକ ହେବେ ।" (ପ୍ର.ବା. ୨୧:୧୩) । ଏତଦ୍‌ପୂର୍ବ ପୃଷ୍ଠାରେ ଯୋହନ ଲେଖନ୍ତି, "ସେଥିପାଇଁ ସେମାନେ ଈଶ୍ୱରଙ୍କ ସିଂହାସନ ସମ୍ମୁଖରେ ଥାଇ ଦିବାରାତ୍ର ତାହାଙ୍କର ଉପାସନା । କରନ୍ତି, ପୁଣି ସିଂହାସନ ଉପବିଷ୍ଟ ବ୍ୟକ୍ତି ସେମାନଙ୍କର ଆଶ୍ରୟସ୍ୱରୂପେ ହେବେ ।" (ପ୍ର.ବା. ୭:୧୫) । ପରମେଶ୍ୱରଙ୍କ ମେଷଶାବକ ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁଯୀଶୁଙ୍କ ସହଭାଗିତା ପ୍ରାପ୍ତ ହେବ । ସେ ଆମ୍ଭମାନଙ୍କ ନିମନ୍ତେ ପ୍ରସ୍ତୁତ କରିବା ନିମନ୍ତେ ପ୍ରତିଜ୍ଞା କରି ଅଛନ୍ତି । (ଯୋହନ ୧୪:୩) । ସେ ତାହାଙ୍କ ବିଶ୍ୱସ୍ତ ଅନୁଚର ମାନଙ୍କୁ ତାହାଙ୍କ ମହିମାର ଅଂଶୀଦାର କରିବେ । (ଯୋହନ ୧୭:୨୪) । ଏହି ସ୍ଥିତିକୁ ପ୍ରେରିତ ପାଉଲ ସୁନ୍ଦର ଭାବେ ବର୍ଣ୍ଣନା କରି ଲେଖନ୍ତି, "...ପ୍ରଭୁଙ୍କ ସହିତ ସାକ୍ଷାତ୍ କରିବା ନିମନ୍ତେ ଆମ୍ଭେମାନେ ସେମାନଙ୍କ ସହ ମେଘମାଳାରେ ନୀତ ହେବୁ, ଏହି ପ୍ରକାରେ ଆମ୍ଭେମାନେ ସର୍ବଦା ପ୍ରଭୁଙ୍କ ସହିତ ରହିବୁ ।" (୧ମ ଥେସ ୪:୧୭) । ଏହି ବାକ୍ୟ ଦ୍ୱାରା ସେ, କ୍ଳେଶ ଭୋଗୁଥିବା ଥେସଲନୀରେ ଥିବା ଖ୍ରୀଷ୍ଟିୟାନ ମାନଙ୍କୁ ସାନ୍ତ୍ୱନା ଦୋଇଥିଲେ । ସେଠାରେ ପବିତ୍ର

ଆତ୍ମାଙ୍କ ସହ ଓ ଯେଉଁ ଦୂତମାନେପାପରେ ପତିତ ନହୋଇ ପୂର୍ବସ୍ଥିତିରେ ରହି ଆସୁଅଛନ୍ତି, ସେମାନଙ୍କ ସହ ସହଭାଗିତା ପ୍ରାପ୍ତ ହେବ । ଆମ୍ଭମାନଙ୍କ ଧାର୍ମିକ ପିତୃପୁରୁଷ, ଧାର୍ମିକ ଯିହୂଦୀ ଓ ବିଶ୍ୱସ୍ତ ଖ୍ରୀଷ୍ଟିୟାନ ମାନଙ୍କ ସହ ଆମ୍ଭମାନଙ୍କ ସହଭାଗିତା କେତେ ଆନନ୍ଦମୟ ଓ ସନ୍ତୋଷଦାୟକ । ଏପରି ମହତ ସହଭାସ କେତେ ସୌନ୍ଦର୍ଯ୍ୟମୟ ।

**ଗୌରବମୟ ଅନନ୍ତ ନିବାସର ଆଭାସ :-** "... କିନ୍ତୁ ଧାର୍ମିକମାନେ ଅନନ୍ତ ଶାସ୍ତି ଭୋଗ କରିବାକୁ ଯିବେ ।" ବୋଲି ମାଥିଉ ୨୫:୪୬ ଯୀଶୁଖ୍ରୀଷ୍ଟକହି ଅଛନ୍ତି । ଆମ୍ଭେମାନେ ସଦାସର୍ବଦା ପ୍ରଭୁଙ୍କ ସହିତ ରହିବୁ । (୧ମ ଥେସ-୪:୧୭) । ଆମ୍ଭମାନଙ୍କ ସର୍ବୋପରିସ୍ଥଙ୍କ ପବିତ୍ର ଗୃହରେ ନିତ୍ୟ ଆନନ୍ଦ ।

ପ୍ରିୟ ପାଠକ, ଆନନ୍ଦ ଆନନ୍ଦମୟ ଧାର୍ମିକ ସ୍ଥାନରେ ନିତ୍ୟ ନିବାସ ସ୍ଥାନରେ ଆପଣଙ୍କ ଆତ୍ମା ନିବାସ କରିବାକୁ କି ଆପଣ ଇଚ୍ଛୁକ ନୁହନ୍ତି ? ଖ୍ରୀଷ୍ଟଙ୍କ ବାକ୍ୟ ଶ୍ରବଣ କରି, ବିଶ୍ୱାସ, ମନପରିବର୍ତ୍ତନ କର । ଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ପୁତ୍ରରୂପେ ସ୍ୱୀକାର କରି ବାପ୍ତିଜିତ ହୁଅ ହୋଇ ଆପଣା ଆପଣା ଧୌତ କର । ଆପଣ ଯଦି ଜଣେ ଖ୍ରୀଷ୍ଟିୟାନ ଅଟନ୍ତି, ବିଶ୍ୱସ୍ତଭାବେ କାର୍ଯ୍ୟକର, ନିୟମିତ ଭାବେ ଉପାସନାର କର ଓ ଧୌର୍ଯ୍ୟ ସହ ମରଣ ପର୍ଯ୍ୟନ୍ତ କିଅବା ଖ୍ରୀଷ୍ଟଙ୍କ ଆଗମନ ନିମନ୍ତେ ବିଶ୍ୱସ୍ତ ରୁହ । ଆମ୍ଭେମାନେ ପଢ଼ିବା ଠାରୁ, ବ୍ୟକ୍ତ କରିବାଠାରୁ ଅତ୍ୟଧିକ ଭାବେ ସ୍ୱର୍ଗ ସୌନ୍ଦର୍ଯ୍ୟମୟ ସ୍ଥାନ । ଆପଣଙ୍କ ସହ ସେଠାରେ ଦେଖା ହେବ ।

**- Rebert R. Taylor Jr.**

❋❋❋

# ଦାଉଦଙ୍କ ପ୍ରାର୍ଥନା
## (David's Prayers)

ସ୍ୱର୍ଗୀୟ ପବିତ୍ର ପରମେଶ୍ୱର ଛାର ମନୁଷ୍ୟର ପ୍ରାର୍ଥନା କାହିଁକି ଶୁଣନ୍ତି ? ବାକ୍ୟ କହେ,"ଧାର୍ମିକମାନଙ୍କ ପ୍ରତି ସଦାପ୍ରଭୁଙ୍କର ଦୃଷ୍ଟି ଅଛି ଓ ସେମାନଙ୍କ ଆର୍ତ୍ତନାଦ ପ୍ରତି ତାହାଙ୍କ କର୍ଣ୍ଣ ଅଛି । ପୃଥିବୀରୁ କୁକର୍ମକାରୀମାନଙ୍କ ସ୍ମରଣ ଉଚ୍ଛିନ୍ନ କରିବା ପାଇଁ ସେମାନଙ୍କ ପ୍ରତିକୂଳରେ ସଦାପ୍ରଭୁଙ୍କ ମୁଖ ଥାଏ ।" (ଗୀତ ୩୪:୧୫-୧୬) । ଏକ

ଜନ୍ମାନ୍ଧକୁ ପ୍ରଭୁ ଯୀଶୁ ସୁସ୍ଥ କରିଥିଲେ । ସେ ଯିହୂଦୀମାନଙ୍କୁ କହିଥିଲେ, ‘‘ଈଶ୍ୱର ଯେ ପାପୀମାନଙ୍କ କଥା ଶୁଣନ୍ତି ନାହିଁ, ଏହା ଆମ୍ଭେମାନେ ଜାଣୁ, କିନ୍ତୁ ଯଦି କେହି ଈଶ୍ୱର ଭକ୍ତ ହୋଇ ତାହାଙ୍କର ଇଚ୍ଛା ସାଧନ କରେ, ତାହା ହେଲେ ସେ ତା’ର କଥା ଶୁଣନ୍ତି ।’’ (ଯୋହନ ୯ :୩୧) । ପ୍ରତ୍ୟେକ ମନୁଷ୍ୟ ଅଧାର୍ମିକ ଓ ପାପୀ । ଯଦିଓ ଆମ୍ଭେମାନେ ପରମେଶ୍ୱରଙ୍କ ବିଦ୍ରୋହୀ ନୋହୁଁ, ତଥାପି ଜୀବନରେ ଅନେକ ପ୍ରଲୋଭନରେ ପ୍ରଲୋଭିତ ହୋଇ ପରମେଶ୍ୱରଙ୍କ ଆଜ୍ଞା ଲଂଘନ କରିଥାଉଁ । ଆଜ୍ଞା ଲଂଘନକାରୀ, ପାପୀ ମନୁଷ୍ୟର ପ୍ରାର୍ଥନା କି ସଦାପ୍ରଭୁ ଶୁଣନ୍ତି ? ମହାରାଜା ଦାଉଦଙ୍କ ଜୀବନ ଏ ବିଷୟରେ ଆମ୍ଭମାନଙ୍କୁ ଅନେକ ଶିକ୍ଷା ଦିଏ ।

ସର୍ବପ୍ରଥମେ, ଦାଉଦଙ୍କ ଦୁର୍ବଳତା ବିଷୟରେ ବାକ୍ୟରେ କଅଣ ଲେଖାଯାଏ ? ତାହାଙ୍କ ଦୁର୍ବଳତା ସାମାନ୍ୟ ଦୁର୍ବଳତା ନ ଥିଲା । ସେ ଉରିୟ ଭାର୍ଯ୍ୟା ବେଥ୍‌ସେବା ସହିତ ବ୍ୟଭିଚାର କରିଥିଲେ । ଆପଣା ପାପ ଲୁଚାଇବା ନିମନ୍ତେ, ଉରିୟଙ୍କୁ ହତ୍ୟା କରିଥିଲେ । ତଦ୍ଦ୍ୱାରା ଇସ୍ରାଏଲ୍ ସୈନ୍ୟ ଏକ ଉତ୍ତମ ଯୋଦ୍ଧା ହରାଇଥିଲା । ଆପଣା ଅହଂକାରୀ ଗୁଣ ହେତୁ, ତାହାଙ୍କ ସନ୍ତାନକୁ ପାଞ୍ଚ ବର୍ଷ କ୍ଷମା କରି ନ ଥିଲେ । ତାହାଙ୍କ ଏହି କାର୍ଯ୍ୟ ଅବଶାଲମ ତାହାଙ୍କ ବିରୁଦ୍ଧରେ ଚକ୍ରାନ୍ତ କରିଥିଲେ ଓ ଯୁଦ୍ଧ କରିଥିଲେ । ତାହାଙ୍କ ବିଶ୍ୱସ୍ତ ଓ ଦକ୍ଷ ସେନାପତି ଯୋୟେବଙ୍କୁ ହତ୍ୟା କରିବାକୁ ଆଜ୍ଞା ଦେଇଥିଲେ । ତାହାଙ୍କ ବିଶ୍ୱସ୍ତ ସେନାପତି ଯୋୟେବଙ୍କ ସାହାଯ୍ୟରେ ସେ ଅନେକ ଯୁଦ୍ଧ ବିଜୟୀ ହୋଇଥିଲେ । ତାହାଙ୍କ ତ୍ୟକ୍ତ ପୁତ୍ର ଦାଉଦଙ୍କ ବିଦ୍ରୋହାଚରଣ କରିବାରୁ ତାହାଙ୍କୁ ଯୁଦ୍ଧରେ ପରାସ୍ତ କରିଥିଲେ । ଇଶ୍ରାଏଲର ଜନସଂଖ୍ୟା ଗଣନା କରିବାକୁ ଉଦ୍ୟତ ଅହଂକାରୀ ଦାଉଦଙ୍କୁ ତାହା ଅଟକାଇବାକୁ ଚେଷ୍ଟା କରିଥିଲେ । ଏପରି ବିଶ୍ୱସ୍ତ ସେନାପତିଙ୍କୁ ହିଂସା କରି, ତାହାଙ୍କୁ ହତ୍ୟା କରିବାକୁ ଆଦେଶ ଦେଇଥିଲେ । ଅହଂକାରୀ, ଈର୍ଷା, ବ୍ୟଭିଚାର ଏପରି ଚରିତ୍ରହୀନ ଦାଉଦ ଏକ ସିଦ୍ଧ ବ୍ୟକ୍ତି ନ ଥିଲେ ।

ତଥାପି ବାକ୍ୟରେ ତାହାଙ୍କୁ ବାକ୍ୟରେ, ‘‘ସଦାପ୍ରଭୁ ନିଜ ମନର ମତ ବ୍ୟକ୍ତି ରୂପେ ବର୍ଣ୍ଣନା କରାଯାଇଅଛି । (୧ମ ଶାମୁୟେଲ୍ ୧୩:୧୪) । କାରଣ ତାହାଙ୍କ ଜୀବନର ପ୍ରତ୍ୟେକ ପରିସ୍ଥିତିରେ, ସଦାପ୍ରଭୁଙ୍କ ନିବିଡ଼ ସମ୍ବନ୍ଧ ରଖୁଥିଲେ । ସଦାପ୍ରଭୁ ତାହାଙ୍କୁ ପ୍ରଭାବ ଭାବେ ବ୍ୟବହାର କରୁଥିଲେ । ସଦାପ୍ରଭୁ ଦାଉଦଙ୍କ ପ୍ରାର୍ଥନା ସର୍ବ ଶ୍ରବଣ କରୁଥିଲେ । କାରଣ :- (୧) ସର୍ବପ୍ରଥମେ, ଦାଉଦ ବିଶ୍ୱାସର ଯୋଦ୍ଧା, ସେ

ମଲ୍ଲଯୋଦ୍ଧା ଗାଲିୟାଦଙ୍କ ସହ ଯୁଦ୍ଧ କରିବା ପାଇଁ ପାଞ୍ଚଟି ଚିକ୍କଣ ପଥର ସହ ଏଲା ପ୍ରାନ୍ତରରେ ଦୌଡ଼ିଗଲେ । ସେ କହିଲେ,"....ତୁମ୍ଭେ ଯାହାଙ୍କୁ ତୁଚ୍ଛ କରିଅଛ, ସେହି ଇସ୍ରାଏଲ୍ ସୈନ୍ୟଗଣର ପରମେଶ୍ୱର ସୈନ୍ୟାଧିପତି ସଦାପ୍ରଭୁଙ୍କ ନାମରେ ତୁମ୍ଭ ନିକଟକୁ ଆସୁଅଛି...., କାରଣ ଏହି ଯୁଦ୍ଧ ସଦାପ୍ରଭୁଙ୍କର ଓ ସେ ତୁମ୍ଭମାନଙ୍କୁ ଆମ୍ଭମାନଙ୍କ ହସ୍ତରେ ସମର୍ପଣ କରିବେ ।" (ପ୍ରଥମ ଶାମୁୟେଲ ୧୭:୪୫-୪୭))

❋❋❋

## ସଦାପ୍ରଭୁଙ୍କ ସେବକ
## (The Servant of the Lord)

ମୋଶାଙ୍କୁ "ସଦାପ୍ରଭୁଙ୍କ ସେବକ" ରୂପେ ବାକ୍ୟରେ ବର୍ଣ୍ଣନା କରାଯାଇଅଛି । (ଦ୍ୱି:ବି: ୩୪), ତଥାପି ସେ ପ୍ରତିଜ୍ଞାତ ଦେଶ "କିଣାନ"ରେ ପ୍ରବେଶ କରି ପାରି ନ ଥିଲେ । କାଦେଶ ପ୍ରଦେଶରେ ଇସ୍ରାଏଲ୍ ଜାତିଙ୍କୁ ଜଳର ଅଭାବ ହେବାରୁ ସେମାନେ ସର୍ବଶକ୍ତିମାନ ସଦାପ୍ରଭୁଙ୍କ ବିରୁଦ୍ଧରେ ବଚସା କରିବାକୁ ଲାଗିଲେ । ମୋଶା ସଦାପ୍ରଭୁଙ୍କୁ କହିଲେ, "ତୁମ୍ଭେ ଯଷ୍ଟି ନିଅ, ପୁଣି ତୁମ୍ଭେ ଓ ତୁମ୍ଭ ଭାଇ ହାରୋଣ ମଣ୍ଡଳୀକି ଏକତ୍ର କର, ଆଉ ତୁମ୍ଭେମାନେ ସେମାନଙ୍କ ଦୃଷ୍ଟିଗୋଚରରେ ସେହି ଶୈଳକୁ ଆପଣା ଜଳ ବାହାର କରି ମଣ୍ଡଳୀକି ଓ ସେମାନଙ୍କ ପଶୁଗଣଙ୍କୁ ପାନ କରାଇବ ।" (୨୦:୮) । ମୋଶା ସଦାପ୍ରଭୁଙ୍କ ଆଜ୍ଞା ପ୍ରମାଣେ ସେ ଯଷ୍ଟି ନେଲେ ଓ ଇସ୍ରାଏଲ୍ ସମାଜକୁ ଏକତ୍ର କଲେ, କିନ୍ତୁ ଶୈଳକୁ ଆଜ୍ଞା ନ ଦେଇ, ସେମାନଙ୍କୁ କହିଲେ, "...ହେ ବିଦ୍ରୋହୀଗଣ, ଶୁଣ, ଆମ୍ଭେମାନେ କି ତୁମ୍ଭମାନଙ୍କ ନିମନ୍ତେ ଏହି ଶୈଳରୁ ଜଳ ବାହାର କରିବା ? ଏ ଉତ୍ତାରେ ମୋଶା ହସ୍ତ ଉଠାଇ ଆପଣା ଯଷ୍ଟିରେ ସେହି ଶୈଳକୁ ଦୁଇଥର ଆଘାତ କଲେ; ତହିଁରେ ପ୍ରଚୁର ଜଳ ବାହାର ହେଲା, ପୁଣି ମଣ୍ଡଳୀ ଓ ସେମାନଙ୍କ ପଶୁଗଣ ପାନ କଲେ । ଏଥିରେ ସଦାପ୍ରଭୁ ମୋଶା ଓ ହାରୋଣଙ୍କୁ କହିଲେ, ତୁମ୍ଭେମାନେ ଇସ୍ରାଏଲ ସନ୍ତାନମାନଙ୍କ ସାକ୍ଷାତରେ ଆମ୍ଭଙ୍କୁ ପବିତ୍ର ବୋଲି ମାନ୍ୟ କରିବାକୁ ଆମ୍ଭ ଠାରେ ବିଶ୍ୱାସ କଲ ନାହିଁ, ଏ ହେତୁ ଆମ୍ଭେ ଏହି ମଣ୍ଡଳୀକି ଯେଉଁ ଦେଶ ଦେଇଅଛୁ,

ସେହି ଦେଶରେ ତୁମ୍ଭେମାନେ ସେମାନଙ୍କୁ ପ୍ରବେଶ କରାଇବ ନାହିଁ ।'' (ଗଣନା ୨୦:୧୦-୧୨) । ମୋଶା ଆପଣା କାର୍ଯ୍ୟ ଦ୍ୱାରା ସଦାପ୍ରଭୁଙ୍କୁ ପବିତ୍ର ବୋଲି ମାନ୍ୟ କରି ନ ଥିଲେ । ତାହାଙ୍କ ଅନାଜ୍ଞାବହତା ଯୋଗୁଁ ସେ ପ୍ରତିଜ୍ଞାତ ଦେଶରେ ପ୍ରବେଶ କରି ପାରି ନ ଥିଲେ ।

ଭାବବାଦୀ ମୋଶା, ପ୍ରତିଜ୍ଞାତ ପ୍ରଦେଶରେ ପ୍ରବେଶ କରିବା ନିମନ୍ତେ ସଦାପ୍ରଭୁଙ୍କୁ ବିନତୀ କରିଥିଲେ, କିନ୍ତୁ ସଦାପ୍ରଭୁ କହିଲେ,''....ତୁମ୍ଭର ଯଥେଷ୍ଟ ହେଲାଣି, ଏ ବିଷୟରେ ଆମ୍ଭକୁ ଆଉ କୁହ ନାହିଁ । ପିସ୍‌ଗାର ଶୃଙ୍ଗକୁ ଚଢ଼ିଯାଅ, ଆଉ ପଶ୍ଚିମ ଓ ଉତ୍ତର ଓ ଦକ୍ଷିଣ ଓ ପୂର୍ବ ଆଡ଼େ ଅନାଇ ଦେଖ ଓ ଆପଣା ଚକ୍ଷୁରେ ତାହା ନିରୀକ୍ଷଣ କର । ମାତ୍ର ଯିହୋଶୂୟଙ୍କୁ ଆଜ୍ଞା ଦିଅ ଓ ତାହାକୁ ସାହସ ଦିଅ ଓ ତାହାକୁ ବଳବାନ କରାଅ; କାରଣ ସେ ଏହି ଲୋକମାନଙ୍କର ଆଗେ ଆଗେ ପାର ହୋଇଯିବ । ପୁଣି ତୁମ୍ଭେ ଯେଉଁ ଦେଶ ଦେଖିବ, ତାହା ସେ ଅଧିକାର କରାଇବ ।'' (ଦ୍ୱି.ବି ୩:୨୧-୨୮)

ସ୍ୱର୍ଗସ୍ଥ ପିତାଙ୍କ ସ୍ନେହଭରା ଚୁମ୍ବନରେ ମୋଶା ଆଖି ବୁଜିଲେ । ପିତା ପରମେଶ୍ୱର ତାହାଙ୍କ ଶରୀରକୁ ମନୁଷ୍ୟମାନଙ୍କ ଅଜାଣତ ସ୍ଥାନରେ ପୋତିଲେ । ଭାବବାଦୀ ମୋଶା, ଇସ୍ରାଏଲ୍ ସନ୍ତାନମାନଙ୍କୁ ଚାଳିଶି ବର୍ଷ ପ୍ରାନ୍ତରରେ କଢ଼ାଇଥିଲେ । ତାହାଙ୍କ ମୃତ୍ୟୁ ସମୟରେ ତାହାଙ୍କୁ ଶହେ କୋଡ଼ିଏ ବର୍ଷ ହୋଇଥିଲା । ତାହାଙ୍କ ଶରୀର ବଳହୀନ କିଅବା ତାହାଙ୍କ ଚକ୍ଷୁ ନିସ୍ତେଜ ହୋଇ ନ ଥିଲା ।

ମୋଶାଙ୍କ ଜୀବନୀ ଆମ୍ଭମାନଙ୍କ ଆଦର୍ଶ । ''ମୁଁ ଏକ ସଦାପ୍ରଭୁଙ୍କ ସେବକ'' ହୋଇପାରେ କିନ୍ତୁ ତାହାଙ୍କ ଆଜ୍ଞା ଲଂଘନ କଲେ, ସ୍ୱର୍ଗକୁ ଯାଇ ପାରିବି ନାହିଁ । କିନ୍ତୁ ମନ ପରିବର୍ତ୍ତନ କରି ସ୍ନେହଭରା ପିତାଙ୍କ ଚୁମ୍ବନରେ ଇହଜଗତର ଯାତ୍ରା ଶେଷ କରି, ତାହାଙ୍କ ନିକଟକୁ ଯାଇ ପାରିବୁ ।

**- Gary C. Hampton**

❋❋❋

# ଅବାନା ଓ ପର୍ପର
## (Abanah and Pharpar)

ଅବାନା ଓ ପର୍ବର ଦମ୍ମେଶକର ଦୁଇ ନଦୀ । ଅରାମୀୟ ସେନାପତି ନାମନ ଏହି ଦୁଇ ନଦୀ ବିଷୟରେ ୨ୟ ରାଜାବଳୀର ପୁସ୍ତକ ୫:୧୨ ପଦରେ ଉପସ୍ଥାପନ କରନ୍ତି । ତାହାଙ୍କ ମତରେ ଇଶ୍ରାଏଲ ଦେଶର ଯର୍ଦ୍ଦନ ନଦୀ ଠାରୁ ଅବାନା ଓ ପର୍ପର ନଦୀଦ୍ୱୟ ଶ୍ରେଷ୍ଠତର ।

ନାମନ, ଅରାମୀୟ ରାଜାଙ୍କ ସେନାପତି । ତାହାଙ୍କ ଦ୍ୱାରା ସଦାପ୍ରଭୁ ଅନେକ ବିଜୟ ସାଧନ କରିଥିବାରୁ, ସେ ଆପଣା ପ୍ରଭୁଙ୍କ ଦୃଷ୍ଟିରେ ମହାନ ଓ ସମ୍ଭ୍ରାନ୍ତ ଓ ମହବିକ୍ରଶାଳୀ ଥିଲେ । କିନ୍ତୁ ସେ ଜଣେ କୁଷ୍ଠୀ । ଇଶ୍ରାଏଲ୍ ଦେଶସ୍ଥ ଭାବବାଦୀଙ୍କ ଦ୍ୱାରା ସେ ସୁସ୍ଥତା ଲାଭ କରିପାରିବେ, ତାହାଙ୍କର ଏକ ବନ୍ଦୀ କ୍ଷୁଦ୍ର ଦାସୀ ଜଣାଇଥିଲା । ସେ ତତ୍‌କ୍ଷଣାତ୍ ରଥ ଓ ସୈନ୍ୟମାନଙ୍କ ସହ ଇଶ୍ରାଏଲ୍ ଦେଶ ପ୍ରସ୍ଥାନ କଲେ । ଏହି କାର୍ଯ୍ୟ କେବଳ ପରମେଶ୍ୱରଙ୍କ ସାଧ ବୋଲି ଗର୍ବୀ ନାମନଙ୍କୁ ନତ କରାଇବା ନିମନ୍ତେ ଇଲିଶାୟ ଘରୁ ନ ବାହାରି, ଯର୍ଦ୍ଦନ ନଦୀରେ ସାତଥର ସ୍ନାନ କରିବା ନିମନ୍ତେ ଆପଣା ଦାସ ଦ୍ୱାରା ବାର୍ତ୍ତା ପଠାଇଲେ । ଏଥିରେ ନାମନ ଅପମାନରେ କ୍ରୁଦ୍ଧ ହୋଇ କହିଲେ, "ଇସ୍ରାଏଲ୍‌ର ସମୁଦାୟ ଜଳ ଅପେକ୍ଷା କି ତହିଁରେ ସ୍ନାନ କରି ଶୁଦ୍ଧ ହୋଇ ନ ପାରନ୍ତି... ।" (୨ୟ ରାଜାବଳୀ ୫:୧୨) କିନ୍ତୁ ଫାରୋ ରାସ୍ତାରେ ତାହାଙ୍କ ଦାସମାନେ କୋମଳ କଥାରେ ସ୍ନାନ କରିବା ନିମନ୍ତେ ରାଜି ହେଲେ । ନମ୍ର ଭାବେ ଭାବବାଦୀ ଇଲିଶାୟଙ୍କ ଆଜ୍ଞାବହ ହୋଇ, ଯର୍ଦ୍ଦନ ନଦୀରେ ସାତଥର ସ୍ନାନ କରି ସୁସ୍ଥତା ପ୍ରାପ୍ତ ହେଲେ ।

ପରମେଶ୍ୱରଙ୍କ ଆଜ୍ଞା ଅଦଳବଦଳ କରାଯାଇ ନ ପାରେ ବୋଲି ସେହିଦନ ନାମନ ଜ୍ଞାତ ହୋଇଥିଲେ । ପରମେଶ୍ୱର ଯର୍ଦ୍ଦନ ନଦୀରେ ସ୍ନାନ କରିବାକୁ କହିବାର ଅର୍ଥ, ସେ ଅବାନା କିଅବା ପର୍ପର ନୁହେଁ । ସଦାପ୍ରଭୁ ନୋହଙ୍କୁ ଗୋଫର କାଷ୍ଠରେ ଜାହାଜ ନିର୍ମାଣ କରିବାକୁ ଆଜ୍ଞା ଦେଇଥିଲେ । ନୋହ ସେ ରୂପେ କଲେ, "ପରମେଶ୍ୱରଙ୍କ ଆଜ୍ଞାନୁସାରେ ସେ ସମସ୍ତ କର୍ମ କଲେ ।" (ଆଦି ୬:୨୨) ।

ପ୍ରେରିତ ପାଉଲ କହନ୍ତି, ''ପୁଣି ଆମ୍ଭେମାନେ ଯେପରି ଶାସ୍ତ୍ରଲବ୍ଧ ଧୈର୍ଯ୍ୟ ଓ ସାନ୍ତ୍ୱନା ଦ୍ୱାରା ଭରସା ପ୍ରାପ୍ତ ହେଉ, ଏଥି ନିମନ୍ତେ ପୂର୍ବକାଳରେ ଯାହା ଯାହା ଲେଖା ହୋଇଅଛି, ସେହିସବୁ ଆମ୍ଭମାନଙ୍କର ଶିକ୍ଷା ପାଇ ଲେଖା ହୋଇଅଛି । (ରୋମୀୟ ୧୫:୩)

ନାମନଙ୍କ ଏହି ସୁସ୍ଥତାର କାହାଣୀ ଦ୍ୱାରା ଆମ୍ଭେମାନେ ଏହା ଜାଣିପାରୁ ଯେ, ପରମେଶ୍ୱରଙ୍କ ବାକ୍ୟ ଠାରୁ କୌଣସି ବିଷୟ ଯୋଗ ବା ବିଯୋଗ କରି ନ ପାରୁ । (ପ୍ରକାଶିତ ବାକ୍ୟ ୨୨:୧୮—୧୯) । ଉଦାହରଣ ସ୍ୱରୂପ ଖ୍ରୀଷ୍ଟ କହିଲେ, ''ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ, ସେ ପରିତ୍ରାଣ ପାଇବ, କିନ୍ତୁ ଯେ ଅବିଶ୍ୱାସ କରେ, ସେ ଦଣ୍ଡାଜ୍ଞା ପାଇବ ।'' (ମାର୍କ ୧୬:୧୬) । ଏଥିରେ ମନୁଷ୍ୟ ଅନ୍ୟ କୌଣସି ବିଷୟ ଯୋଗ ବା ବିଯୋଗ ନ କରୁ । ପରିତ୍ରାଣ ପ୍ରାପ୍ତ ହେବା ନିମନ୍ତେ ମନୁଷ୍ୟ କେବଳ ବିଶ୍ୱାସ କରି ବାପ୍ତିଜିତ ହେବା ଆବଶ୍ୟକ । ମନୁଷ୍ୟ କେବଳ ବିଶ୍ୱାସ ଦ୍ୱାରା ପରିତ୍ରାଣ ପାଇପାରେ ନାହିଁ ।

ଯୀଶୁ, ଯେଉଁମାନେ ବିଶ୍ୱାସ କରି ବାପ୍ତିଜିତ ହେବେ, ସେମାନେ ପରିତ୍ରାଣ ପାଇବେ ବୋଲି କହିଥିବାରୁ, ଶିଶୁମାନଙ୍କୁ ବାପ୍ତିସ୍ମ ଦେବା ଆବଶ୍ୟକ ନାହିଁ । ବାପ୍ତିସ୍ମ ଏକ ଜଳରେ ସମାଧି, ତାହା ଛିଞ୍ଚା ବା ଢ଼ଳା ବାପ୍ତିସ୍ମ ନୁହେଁ । ''ଆମ୍ଭେମାନେ ଯେତେ ଲୋକ ଖ୍ରୀଷ୍ଟ ଯୀଶୁଙ୍କ ଠାରେ ବାପ୍ତିଜିତ ହୋଇଅଛୁ, ସମସ୍ତେ ଯେ ତାହାଙ୍କ ମରଣରେ ବାପ୍ତିଜିତ.ହୋଇଅଛୁ, ଏହା କି ତୁମ୍ଭେମାନେ ଜାଣ ନାହିଁ ? ଅତଏବ, ଆମ୍ଭେମାନେ ବାପ୍ତିସ୍ମ ଦ୍ୱାରା ମରଣରେ ତାହାଙ୍କ ସହିତ ସମାଧିପ୍ରାପ୍ତ ହୋଇଅଛୁ, ଯେପରି ଖ୍ରୀଷ୍ଟ ପିତାଙ୍କ ଗୌରବ ଦ୍ୱାରା ମୃତମାନଙ୍କ ମଧ୍ୟରୁ ଯେଉଁ ପ୍ରକାରେ ଉତ୍‌ଥାପିତ ହେଲେ, ଆମ୍ଭେମାନେ ମଧ୍ୟ ସେହି ପ୍ରକାରେ ଜୀବନର ନୂତନ ଭାବରେ ଆଚରଣ କରୁ ।'' (ରୋମୀୟ ୬:୪୭) । ''ତୁମ୍ଭେମାନେ ବାପ୍ତିସ୍ମରେ ତାହାଙ୍କ ମୃତମାନଙ୍କ ମଧ୍ୟରୁ ଉଠାଇଲେ, ତାହାଙ୍କ ସହିତ ସମାଧିପ୍ରାପ୍ତ ହୋଇ, ଯେଉଁ ଈଶ୍ୱର ତାହାଙ୍କ କାର୍ଯ୍ୟସାଧନ ଶକ୍ତିରେ ବିଶ୍ୱାସ କରି ଖ୍ରୀଷ୍ଟଙ୍କ ସହିତ ମଧ୍ୟ ଉତ୍‌ଥାପିତ ହୋଇଅଛ ।'' (କଲସୀ ୨:୧୨)

ନାମାନଙ୍କ ସଦୃଶ୍ୟ ପ୍ରଥମେ ଈଶ୍ୱରଙ୍କ ସୁସମାଚାର ଅଗ୍ରାହ୍ୟ କରନ୍ତି, କିନ୍ତୁ ପରେ ପରମେଶ୍ୱରଙ୍କ ସରଳ, ଶୁଦ୍ଧ, ପବିତ୍ର ଆତ୍ମାର ଆଜ୍ଞାବହ ହୁଅନ୍ତି । ଭାବବାଦୀଙ୍କ

ଆଜ୍ଞାବହ ହେବା ନିମନ୍ତେ ତାହାଙ୍କ ଦାସମାନେ ତାହାଙ୍କୁ ଉତ୍ସାହିତ କରିଥିଲେ । ଯେଉଁମାନେ ପାପରୁ ଧୌତ ହୋଇ ସ୍ୱର୍ଗକୁ ଯିବାକୁ ଇଚ୍ଛା କରନ୍ତି, ନାମାନଙ୍କ ସଦୃଶ୍ୟେ ପରମେଶ୍ୱରଙ୍କ ଆଜ୍ଞାବହ ହେଉ !

ଆପଣ ଯଦି ଆପଣା ପାପରୁ ଧୌତ ହୋଇ ପରିତ୍ରାଣ ପ୍ରାପ୍ତ ହେବାକୁ ଇଚ୍ଛୁକ ଅଟନ୍ତି, ଆମ୍ଭମାନଙ୍କ ସହ ସମ୍ପର୍କ କରନ୍ତୁ । "ବିଳମ୍ବ ବୋଲି ଯେପରି କେତେ ଭାବନ୍ତି, ପ୍ରଭୁ ଆପଣା ପ୍ରତିଜ୍ଞା ବିଷୟରେ ସେପରି ବିଳମ୍ବ କରନ୍ତି ନାହିଁ, କିନ୍ତୁ ଯେପରି କେହି ବିନଷ୍ଟ ନ ହୁଅନ୍ତି, ବରଂ ସମସ୍ତ ମନ ପରିବର୍ତ୍ତନ କରନ୍ତି, ଏହା ଇଚ୍ଛା କରି, ସେ ତୁମ୍ଭମାନଙ୍କ ପ୍ରତି ଦୀର୍ଘସହିଷ୍ଣୁ ଅଟନ୍ତି ।" (୨ୟ ପିତର ୩:୯)

--Sunny David

***

## "ସଦାପ୍ରଭୁଙ୍କ ଆଶ୍ଚର୍ଯ୍ୟ କେଉଁ କର୍ମ ?..."

## (Is anything too hard for the Lord)

ସାରାଙ୍କ ଶୀର୍ଣ୍ଣାବସ୍ଥାରେ ପୁତ୍ର ପ୍ରସବ କରିବ ବୋଲି ଜଣାଇଥିବା ଦୂତଙ୍କ ଭାବବାଣୀରେ, ସେ ମନେ ମନେ ହସିଥିଲେ । ସେଥିରେ ଦୂତ କହିଲେ, "ସଦାପ୍ରଭୁଙ୍କର ଆଶ୍ଚର୍ଯ୍ୟ କେଉଁ କର୍ମ ? ଏହି ଋତୁ ପୁନର୍ବାର ଉପସ୍ଥିତ ହେଲେ, ନିରୂପିତ ସମୟରେ ଆମ୍ଭେ ଫେରି ଆସିବା, ସେ ସମୟରେ ସାରା କୋଳରେ ଏକ ପୁତ୍ର ଥିବ ।" (ଆଦି ୧୮:୧୪) । ପରମେଶ୍ୱରଙ୍କ ବାକ୍ୟାନୁଯାୟୀ ତା'ପରଁ ବର୍ଷରେ ଇସ୍‌ହାକ ଜନ୍ମିଥିଲେ ଏବଂ ଅବ୍ରାହମ ଏକ ମହାନ ଗୋଷ୍ଠୀର ଆଦିପିତା ହୋଇ ପାରିଥିଲେ ।

ବାଇବଲରେ ଅନ୍ୟ କେତେକ, ଯେଉଁମାନେ ସଦାପ୍ରଭୁଙ୍କ ଅସାଧ୍ୟ କିଛି ନାହିଁ ବୋଲି ଆପଣା ଜୀବନରେ ଅନୁଭବ କରିଥାନ୍ତି ।

- ନୋହ, ତାହାଙ୍କ ପରିବାର ମହାବନ୍ୟାରୁ ଉଦ୍ଧାର ପାଇଥିଲେ । (ଆଦି ୬:୮)
- ଆଶ୍ଚର୍ଯ୍ୟଜନକ ଭାବେ ଯିରୀହୋର ପ୍ରାଚୀର ପତନ ହୋଇଥିଲା । (ଯିହୋଶୂୟ ୬ମ ଅଧ୍ୟାୟ)
- ଯର୍ଦ୍ଦନରେ ସାତଥର ସ୍ନାନ କରି ନାମନ କୁଷ୍ଠରୋଗରୁ ସୁସ୍ଥତା ଲାଭ କରିଥିଲେ । (୨ୟ ରାଜାବଳି ୫ମ ଅଧ୍ୟାୟ)

- ଯୀଶୁଖ୍ରୀଷ୍ଟ ଅନେକ ଆଶ୍ଚର୍ଯ୍ୟକର୍ମ ସାଧନ କରିଥିଲେ । (ମାର୍କ ୭:୩୭)
- ମାର୍ଥା ଓ ମରିୟମଙ୍କ ଭ୍ରାତା ଲାଜର ମୃତ୍ୟୁରୁ ପୁନଃରୁତ୍‌ଥିତ ହୋଇଥିଲେ । (ଯୋହନ ୧୧ମ ଅଧ୍ୟାୟ)
- ପୁନଃରୁତ୍‌ଥିତ ଯୀଶୁଖ୍ରୀଷ୍ଟଙ୍କୁ ଅନେକଙ୍କୁ ଦର୍ଶନ କରିଥିଲେ (୧ମ କରିନ୍ଥୀୟ ୧୫:୫-୮)
- ଜନସମୂହ ଯେଉଁମାନେ ପେଣ୍ଟିକଷ୍ଟ ଦିନରେ, ଆପଣା ଆପଣା ସ୍ୱଭାଷାରେ ପ୍ରଭୁଙ୍କ ମହିମା ଶ୍ରବଣ କରିଥିଲେ । (ପ୍ରେରିତ ୨)
- ପ୍ରେରିତ ଯୋହନ ପବିତ୍ର ନଗରୀ ଦର୍ଶନରେ ଦେଖିଥିଲେ । (ପ୍ରକାଶିତ ବାକ୍ୟ ୨୧ ଅଧ୍ୟାୟ)

ସଦାପ୍ରଭୁ ପାପୀମାନଙ୍କୁ ଅର୍ଥାତ୍ ଭୀରୁ, ଅବିଶ୍ୱାସୀ, ଘୃଣ୍ୟ କଳଙ୍କିତ, ନରଘାତ, ବ୍ୟଭିଚାରୀ, ମାୟାବୀ ଓ ପ୍ରତିମାପୂଜକ, ସମସ୍ତ ମିଥ୍ୟାବାଦୀମାନଙ୍କୁ ଅଗ୍ନି ଓ ଗନ୍ଧକ ପ୍ରଜ୍ୱଳିତ ହ୍ରଦରେ ନିକ୍ଷିପ୍ତ କରିବାକୁ ସମର୍ଥ ଅଟନ୍ତି, ଦ୍ୱିତୀୟରେ ଏପରି ପାପୀମାନଙ୍କୁ ରକ୍ଷା କରି ସ୍ୱର୍ଗରାଜ୍ୟରେ ସ୍ଥାନ ଦେବାକୁ ସମର୍ଥ ଅଟନ୍ତି (୧ମ କରନ୍ଥୀ ୬:୯,୧୦) । ପାପୀମାନେ ତାହାଙ୍କ ଠାରେ ବିଶ୍ୱାସ କରି ଆଜ୍ଞାବହ ହେବା ଦ୍ୱାରା ପାପରୁ ମୁକ୍ତ ହୋଇ ଅନନ୍ତଜୀବନ ପ୍ରାପ୍ତ ହୁଅନ୍ତି ।

ଯଦି ସଦାପ୍ରଭୁ ଏତେ ଶକ୍ତିମାନ, ସେ କାହିଁକି ଆମ୍ଭମାନଙ୍କୁ ସମସ୍ତ ଦୁଃଖକଷ୍ଟ, ସମସ୍ୟାରୁ ଉଦ୍ଧାର କରୁ ନାହାନ୍ତି ? ଭାବବାଦୀ ଯିଶାଇୟ କହିଲେ, ''ଦେଖ, ସଦାପ୍ରଭୁଙ୍କର ହସ୍ତ ଛୋଟ ହୋଇଯାଇନାହିଁ ଯେ, ତାହା ପରିତ୍ରାଣ କରି ନ ପାରେ, କିଅବା ତାହାଙ୍କର କର୍ଣ୍ଣ ଭାରି ହୋଇନାହିଁ, ଯେ ତାହା ଶୁଣି ନ ପାରେ, ମାତ୍ର ତୁମ୍ଭମାନଙ୍କର ଅପରାଧ ସବୁ ତୁମ୍ଭମାନଙ୍କର ଓ ତୁମ୍ଭମାନଙ୍କ ପରମେଶ୍ୱରଙ୍କ ମଧ୍ୟରେ ବିଚ୍ଛେଦ ଘଟାଇଅଛି ଓ ତୁମ୍ଭମାନଙ୍କର ପାପ ସବୁ ତୁମ୍ଭମାନଙ୍କର ଜିହ୍ୱା ଦୁଷ୍ଟତା ବକଇ ।'' (ଯିଶାଇୟ ୫୯:୧-୨) । ସଦାପ୍ରଭୁ ଆମ୍ଭମାନଙ୍କ ସମସ୍ତ ଅଭାବ ପୁରଣ କରନ୍ତି । ତାହାଙ୍କ ଅସାଧ୍ୟ କିଛି ନାହିଁ ।

**- Dan Wheeler**

❋❋❋

# ବେରୟା ଓ ଥେସଲନୀକୀ ବାସୀ
## (The Bereas and Thessionians)

ପ୍ରେରିତ ପାଉଲ ଓ ଶୀଲା ବେରୟାରେ ଖ୍ରୀଷ୍ଟଙ୍କ ସୁସମାଚାର ପ୍ରଚାର କରିବା ପରେ ସେମାନେ, ''ଥେସଲନୀକୀରେ ଥିବା ଯିହୂଦୀମାନଙ୍କ ଠାରୁ ସୁଶୀଳ ଥିଲେ । ଏମାନେ ପୂର୍ଣ୍ଣ ଆଗ୍ରହରେ ବାକ୍ୟ ଗ୍ରହଣ କଲେ, ପୁଣି ଏହି ସମସ୍ତ ବାକ୍ୟ ସତ୍ୟ କି ନା, ତାହା ଜାଣିବା ନିମନ୍ତେ ପ୍ରତିଦିନ ଶାସ୍ତ୍ର ଅନୁସନ୍ଧାନ କରୁଥିଲେ ।'' (ପ୍ରେରିତ ୧୭:୧୧) ବୋଲି ସେମାନଙ୍କ ବିଷୟରେ ଲେଖାଯାଏ ।

ଥେସଲନୀକୀବାସୀ କେହି ମଧ୍ୟ ପରମେଶ୍ୱରଙ୍କ ବାକ୍ୟ ଶ୍ରବଣ କରିବାରେ କି ଆସକ୍ତ ନ ଥିଲେ ? ବେରୟାବାସୀମାନେ ସୁସମାଚାର ଶ୍ରବଣ କରି ଯୀଶୁଖ୍ରୀଷ୍ଟଙ୍କ ବିଷୟରେ ପୁରାତନ ନିୟମରେ ସେପରି ଲିଖିତ ଅଛି କି ନାହିଁ ବୋଲି ପୁରାତନ ନିୟମ ଅନୁସନ୍ଧାନ କରୁଥିଲେ । ପୁରାତନ ନିୟମର ଭାବବାଣୀ ସକଳ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ସଫଳ ହୋଇଥିଲା ବୋଲି ସେମାନେ ବିଶ୍ୱାସ କରିଥିଲେ । ପୁରାତନ ନିୟମ ଅନୁସନ୍ଧାନ କରି, ଯୀଶୁଖ୍ରୀଷ୍ଟ ଯେ ପରମେଶ୍ୱରଙ୍କ ଅଦ୍ୱିତୀୟ ପୁତ୍ର ସେମାନେ ବିଶ୍ୱାସ କରିଥିଲେ । ତାହାଙ୍କ ପ୍ରଚାର ଦ୍ୱାରା ''....ସେମାନଙ୍କ ମଧ୍ୟରୁ ଅନେକେ ଓ ଗ୍ରୀକ୍‌ମାନଙ୍କ ମଧ୍ୟରୁ ଅନେକ ସମ୍ଭ୍ରାନ୍ତ ମହିଳା ଓ ପୁରୁଷ ମଧ୍ୟରୁ ବିଶ୍ୱାସ କଲେ । ବାପ୍ତିଜିତ ହୋଇ ସେମାନେ 'ଭାଇ' ମାନଙ୍କ ମଧ୍ୟରେ ଗଣିତ ହେଲେ ।

କିନ୍ତୁ ଥେସଲନୀକୀରେ କେତେକ ଯିହୂଦୀ ଓ ଅନେକ ବିଜାତୀୟମାନେ ଈଶ୍ୱରଙ୍କ ବାକ୍ୟ ଶ୍ରବଣ ଗ୍ରହଣ କରିଥିଲେ । ପାଉଲଙ୍କ ପ୍ରଚାରରେ ସେମାନେ ବିଶ୍ୱାସ କଲେ ଓ ଆଜ୍ଞାବହ ହୋଇଥିଲେ । ''ପୁଣି, ତୁମ୍ଭେମାନେ ବହୁ କ୍ଳେଶ ଭୋଗ ମଧ୍ୟରେ ପବିତ୍ର ଆତ୍ମାଙ୍କ ଦତ୍ତ ଆନନ୍ଦ ସହ ସେହି ବାକ୍ୟ ଗ୍ରହଣ କରି ଆମ୍ଭମାନଙ୍କ ଓ ପ୍ରଭୁଙ୍କର ଅନୁକାରୀ ହୋଇଥିଲ ।'' (୧ମ ଥେସ ୧:୬) ସେମାନଙ୍କ କ୍ଳେଶ ମଧ୍ୟରେ ସେମାନଙ୍କ ଆଜ୍ଞାବହତା ଓ ବିଶ୍ୱସ୍ତତା ଅନ୍ୟମାନଙ୍କ ନିମନ୍ତେ ଆଦର୍ଶମୟ ଥିଲା । ସେମାନେ ଆଗ୍ରହ ସହ ସୁସମାଚାର ପ୍ରଚାର କରିଥିଲେ । (୧ମ ଥେସଲନୀକୀ ୧:୬-୮) । ପ୍ରେରିତ ପାଉଲ ଲେଖନ୍ତି,''ଯେଣୁ ଲୋକେ ନିଜେ ନିଜେ ଆମ୍ଭମାନଙ୍କ ସମ୍ବନ୍ଧରେ କହିଥାଆନ୍ତି ଯେ, ତୁମ୍ଭେମାନଙ୍କ ମଧ୍ୟକୁ ଆମ୍ଭମାନଙ୍କ ଆଗମନ ସମୟରେ କଅଣ

ଘଟିଥିଲା, ଆଉ କିପରି ତୁମ୍ଭେମାନେ ପ୍ରତିମାସକୁ ପରିତ୍ୟାଗ କରି ଜୀବିତ ଓ ସତ୍ୟ ଈଶ୍ୱରଙ୍କ ସେବା କରିବା ନିମନ୍ତେ, ପୁଣି, ସେ ଆପଣାର ଯେଉଁ ପୁତ୍ରଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇଥିଲେ, ଆଗାମୀ କ୍ରୋଧରୁ ଆମ୍ଭମାନଙ୍କ ସେହି ଉଦ୍ଧାରକର୍ତ୍ତା ଯୀଶୁଙ୍କ ସ୍ୱର୍ଗରୁ ଅଗମନ କରିବାରେ ଅପେକ୍ଷାରେ ରହିବା ନିମନ୍ତେ ଈଶ୍ୱରଙ୍କ ପ୍ରତି ଫେରିଲ।'' (ଥେସଲନୀକୀ ୧:୯-୧୦)

ଥେସଲନୀକୀରେ କେତେଜଣ ଯିହୂଦୀ ଓ ଅନେକ ସଂଖ୍ୟାରେ ବିଜାତୀୟ ସୁସମାଚାର ବିଶ୍ୱାସ କରି ତାହାର ଆଜ୍ଞାବହ ହୋଇଥିଲେ । (ଗାଲାତୀ ୩:୨୬-୨୯; ଏଫିସୀ ୨:୧୧-୧୮)। କିନ୍ତୁ ପ୍ରେରିତ ପାଉଲ ସେମାନଙ୍କୁ ବାକ୍ୟ ସୂକ୍ଷ୍ମ ଭାବେ ଧ୍ୟାନ କରିବା ନିମନ୍ତେ ପ୍ରୋତ୍ସାହିତ କରିଥିଲେ । ଥେସଲନୀକୀ ମଣ୍ଡଳୀକୁ ଲେଖିଥିବା ପ୍ରଥମ ପତ୍ର, ପଞ୍ଚମ ଅଧ୍ୟାୟରେ ପ୍ରେରିତ ପାଉଲ ଲେଖିଛନ୍ତି, ''......ସମସ୍ତ ବିଷୟ ପରୀକ୍ଷା କର, ଯାହା ଉତ୍ତମ ତାହା ଧରି ରଖ ।'' (୨୧ମ ପଦ)

ଆଧୁନିକ ଯୁଗରେ ବିଭିନ୍ନ ଦେଶବାସୀ, ଭାଷାବାଦୀ, ବିଭିନ୍ନ ଜାତିର ଲୋକେ ଖ୍ରୀଷ୍ଟଙ୍କ ଅନୁଚର ହୋଇ ଖ୍ରୀଷ୍ଟଙ୍କ ଠାରେ ଏକ ହୋଇଅଛନ୍ତି । କିନ୍ତୁ ଆମ୍ଭେମାନେ ସର୍ବଦା ଆପଣା ଆପଣା ବିଷୟରେ ଜାଗ୍ରତ ରହୁ । ବେରୟାବାସୀମାନଙ୍କ ସଦୃଶ୍ୟ ଶ୍ରବଣ କରିଥିବା ବାକ୍ୟ ସତ୍ୟ କି ନା ବାଇବଲ ଅନୁସନ୍ଧାନ କରୁ । ମନୁଷ୍ୟମାନଙ୍କ ଆପଣା ସ୍ୱନୀତି, ସୁପ୍ରଥା ଆମ୍ଭମାନଙ୍କୁ ଖ୍ରୀଷ୍ଟଙ୍କ ନିକଟରୁ ଓ ତାହାଙ୍କ ଦତ୍ତ ଅନନ୍ତଜୀବନରୁ ଦୂରେଇ ନ ନେଉ । (୧ମ କରିନ୍ଥୀ ୧୦:୧୨;୯:୨୭, ଏବ୍ରୀ ୨:୧-୪, ୩:୧୨-୧୪)

**- Royce Fredrick**

❋❋❋

**Edited & Published by : Kabita & Joshua Gootam**

# SIMPLICITY IN CHRIST

2 Cor. 11:3; Isa. 35:8

**INTRODUCTION :**

1. God has always known and understood His creation
2. He knows that man will not accept something hard to understand.
3. Therefore, His law unto man has always been simple, easy to understand, and the manner easy to conceive.
4. In this lesson we want to note some examples of the same.

**DISCUSSION**

**I. Adam and Eve. (Gen. 3:3)**

1. Two things stated :

a. Eat of every tree save one.

b. Eat of it and die.

**II. Abraham Told To Offer Isaac. (Gen. 22:2)**

1. Perhaps hard to accept, yet simple and easily understood.

**III. Naaman. (2 Kings 5:1-14).**

1. Easy to understand, even though Naaman almost failed by not obeying.

**IV. Walls of Jericho. (Josh. 6:3,4).**

1. Sounded almost too simple to be effective.
2. Yet when order was obeyed, the desired end was obtained.

**V. Noah Told To Build an Ark. (Gen.6)**

1. Make thee an ark of gopher wood, 300 cubits long, 50 cubits wide, 30 cubits high.
2. Make 1 door, 1 window, pitch it without and within.
3. Simple, indeed, yet effective.

**VI. So it is with Christ, His Church, and His Gospel, and Worship Service.**

1. One body (Eph.4:4), body the church (Eph1:22,23). Christ will save this body (Eph.5:23).
2. This is His church (Matt. 16:18).
3. One gospel, simple, yet all that is needed (Rom. 1:16).

a. Faith **unto** righteousness (Rom. 10:10).

b. Repentance **unto** life (Acts 11:18).

c. Confession **unto** salvation (Rom 10:10).

d. Baptism **into** Christ (Gal. 3:27).

4. The worship is simple.

a. Teaching (Matt. 28:19).

b. Praying (1 Thess. 5:17).

c. Singing (Col. 3:16).

d. Breaking bread (Acts 20:7).

e. Giving (1 Cor. 16:2).

5. Christian living simple.

a. Add Christian graces (2 Pet. 1:5-11)

b. Shine as lights (Matt. 5:13-16).

## CONCLUSION

This plan is within the reach of every accountable and responsible mind regardless of scholastic attainment.

**J.P. Williams**

***Printed Book Only***

From :

SATYA VANI
P.O. Box 80,
Kakinada - 533 001

To

(FOR PRIVATE CIRCULATION ONLY)